ସମାଜ
The Samaja

ରବିବାର

୨୦୧୪ ଫେବୃୟାରୀ ୨୩-ମାର୍ଚ୍ଚ୧

ପୃଷ୍ଠା: ୩ ବହି ଚିକିତ୍ସା

ପୃଷ୍ଠା: ୪ ରାମରାଜ୍ୟର ସ୍ୱପ୍ନ ରାମଲୀଳା

ପୃଷ୍ଠା: ୬ ଜୁଲିଙ୍କ ଚମକ

ପୃଷ୍ଠା: ୮ ମୀରା କାହା ଭଉଣୀ

ମନୋଜ ଅଶୀତିତମ

ଆଜି ତାଙ୍କ ନାମ ସହିତ ବହୁ ବିଶେଷଣ ସ୍ୱତଃ ଯୋଡ଼ି ହୋଇଯାଏ। କଥାକାର, ଔପନ୍ୟାସିକ, ସୁବକ୍ତା, ପ୍ରାବନ୍ଧିକ, କବି, ଅଧ୍ୟାପକ ଓ ଶ୍ରୀଅରବିନ୍ଦ ଦର୍ଶନର ବ୍ୟାଖ୍ୟାକାର- ଏପରି ଅନେକ। ଓଡ଼ିଆ ଓ ଇଂରାଜୀରେ ଲେଖି ବିଶ୍ୱପାଠକଙ୍କ ଶ୍ରଦ୍ଧାଭାଜନର ଅଧିକାରୀ ହୋଇଥିଲେ ହେଁ ନିରାଡମ୍ବର ଜୀବନ ଜିଇଆସିଛନ୍ତି ମନୋଜ ଦାସ। ଫେବୃୟାରୀ ୨୭ରେ ତାଙ୍କର ଅଶୀତିତମ ଜନ୍ମଦିନ ଉପଲକ୍ଷେ ବିଶେଷ ଉପସ୍ଥାପନା।



ସେତେବେଳେ ମନୋଜ ଦଶମ ଶ୍ରେଣୀର ଛାତ୍ର। ବାଲେଶ୍ୱର ମହାବିଦ୍ୟାଳୟର କେତେକ ଛାତ୍ର ବମ୍ବେ ବୁଲିବାକୁ ଯାଇଥିବାବେଳେ 'କୁଙ୍କୁମ' ପତ୍ରିକାର ସଂପାଦକ ଦେବ ମହାପାତ୍ରଙ୍କୁ ଭେଟିବାକୁ ଯାଇଥିଲେ। ସେଠାରେ କୁଙ୍କୁମର ପରବର୍ତ୍ତୀ ସଂଖ୍ୟାରେ ମନୋଜଙ୍କ ଗୋଟିଏ ଲେଖା ଦେଖି ଜଣେ ଛାତ୍ର ପଚାରିଲେ– 'ଏ ସଂଖ୍ୟାରେ ବି ଆମ ମନୋଜର ଲେଖା ଅଛି।' ଦେବ ମହାପାତ୍ର ବିରକ୍ତହୋଇ କହିଲେ– 'ତମେ ଜଣେ ଛାତ୍ର। ମନୋଜ ଦାସଙ୍କ ଲେଖାକୁ ତମେ ମନୋଜର ବୋଲି ସମ୍ବୋଧନ କରି କହୁଛ କିପରି ? ବୟସ୍କ ଲୋକଙ୍କୁ କେଉଁଭଳି ସମ୍ମାନ ଦେବାକୁ ହୁଏ, ତାହା କ'ଣ ତୁମେ ଜାଣିନାହଁ ?' ଛାତ୍ରଜଣକ ଆଶ୍ଚର୍ଯ୍ୟ ସହକାରେ ପଚାରିଲେ– 'ଏ ମନୋଜ କ'ଣ ଆମ ବାଲେଶ୍ୱରର ମନୋଜ ନୁହନ୍ତି କି ? ଦେବ ମହାପାତ୍ର ସେଥିରେ ହଁ ଭରିଲେ। ସେଇଠୁ ଛାତ୍ରଜଣକ କହିଲେ– 'ବାଲେଶ୍ୱରର ମନୋଜ ଦାସ ତ ଏବେ ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର।' ଦେବ ମହାପାତ୍ର ଏହା ଶୁଣି ସ୍ତବ୍ଧ ହୋଇଗଲେ।

୧୯୫୫–୫୬ ମସିହାର କଥା। ସେତେବେଳେ ମନୋଜ ଦାସ ତରୁଣ ଏବଂ ଆଇନ ଛାତ୍ର। ବିରାଟ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଉଥିଲେ ସେତେବେଳେ ସେ। ହଠାତ୍ ଦିନେ ତାଙ୍କୁ କଟକ ଲାଲବାଗ ପୁଲିସ ଗିରଫ କରି ନେଇଗଲା। ତେବେ ମଧ୍ୟାହ୍ନଭୋଜନ ସମୟରେ ଜଣେ ନିର୍ଦ୍ଦିଷ୍ଟ ଯୁବ ପୁଲିସ ଅଧିକାରୀ ଛାତ୍ରନେତା ମନୋଜଙ୍କୁ ଆସି ଥାନାଘର ବାରଣ୍ଡାକୁ ଡାକିନେଲେ। ଖାଇବା ଟେବୁଲରେ ନାନା ପ୍ରକାର ବ୍ୟଞ୍ଜନ। ମନୋଜ ବିସ୍ମିତ ହୋଇ ପଚାରିଲେ– 'ଗିରଫ ହୋଇଥିବା ଲୋକଙ୍କୁ କ'ଣ ଏଇଭଳି ସୁଖାଦ୍ୟ ପରଷାଯାଏ ? ପୁଲିସ ଅଧିକାରୀ ହସିହସି କହିଲେ– ନା ନା। କେବଳ ଆପଣଙ୍କ ପାଇଁ ଏପରି ବ୍ୟବସ୍ଥା ହୋଇଛି। ମୋ ସ୍ତ୍ରୀ ଆପଣଙ୍କ ଲେଖାର ଜଣେ ମୁଗ୍ଧ ପାଠିକା। ମନୋଜ ଦାସ ନିଜ ତାରୁଣ୍ୟ ସୋପାନରେ କେଉଁଭଳି ଲେଖକୀୟ ଶ୍ରଦ୍ଧା ଅର୍ଜିଥିଲେ, ତାହାର ଏହା ଏକ ଦୃଷ୍ଟାନ୍ତ। 'ଷ୍ଟୋରିଜ ଅଫ ଲାଇଟ ଆଣ୍ଡ ଡିଲାଇଟ'– ହେଉଛି ଏକ କିଶୋର ଗଳ୍ପ ସଂକଳନ, ଯାହାର ଅଦ୍ୱିତୀୟ ସ୍ରଷ୍ଟା ହେଉଛନ୍ତି ମନୋଜ ଦାସ। ୧୯୭୦ ମସିହାରେ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଦ୍ୱାରା ପ୍ରକାଶିତ ଏହି ସଂକଳନଟି ଭାରତର ବିଭିନ୍ନ ଭାଷାରେ ତଥା ମୂଳ ଇଂରାଜୀରେ ଏଯାବତ୍ ପ୍ରାୟ୍ ଏକକୋଟିରୁ ଅଧିକ ବିକ୍ରି ହୋଇଛି। ଭାରତୀୟ ସାହିତ୍ୟରେ ଜଣେ ଓଡ଼ିଆ ଲେଖକର ଏଭଳି ଆକାଶଚୁମ୍ବୀ ସଫଳତା ଅଦ୍ୟାବଧି ଅନତିକ୍ରମ୍ୟ। ଆଜି ମନୋଜ ଦାସଙ୍କ ନାମ ସହିତ ବହୁ ବିଶେଷଣ ସ୍ୱତଃ ଯୋଡ଼ି ହୋଇଯାଏ। କଥାକାର, ଔପନ୍ୟାସିକ, ସୁବକ୍ତା, ପ୍ରାବନ୍ଧିକ, କବି, ଅଧ୍ୟାପକ ଓ ଶ୍ରୀଅରବିନ୍ଦ ଦର୍ଶନର ବ୍ୟାଖ୍ୟାକାର ଇତ୍ୟାଦି।

ଓଡ଼ିଶାର ଶେଷ ସୀମା ସନ୍ନିକଟ ସମୁଦ୍ର ତଟବର୍ତ୍ତୀ ବାଲେଶ୍ୱର ଜିଲାର ଏକ ଗ୍ରାମ ଶଙ୍ଖାରିରେ ୨୭ ଫେବୃୟାରୀ ୧୯୩୪ରେ ମନୋଜ ଦାସଙ୍କ ଜନ୍ମ। ମଧୁସୂଦନ ଦାସ ଏବଂ କାଦମ୍ବିନୀ ଦେବୀଙ୍କ ସେ ପଞ୍ଚମ ସନ୍ତାନ ଥିଲେ। କାଦମ୍ବିନୀ ଦେବୀ ଜଣେ ନିରବ ସାହିତ୍ୟ ସାଧିକା ଥିଲେ। ପିଲାମାନଙ୍କୁ ବିଭିନ୍ନ ସମୟରେ ରାମାୟଣ ଓ ମହାଭାରତ

ସରସ୍ୱତୀ ସମ୍ମାନ ଗ୍ରହଣ ଅବସରରେ

ଶୁଣାଉଥିଲେ। ମନୋଜଙ୍କ ବଡ଼ଭାଇ ସ୍ୱର୍ଗତ ମନ୍ମଥନାଥ ଦାସ ଜଣେ ପ୍ରସିଦ୍ଧ ସାହିତ୍ୟିକ, ଐତିହାସିକ, ଶିକ୍ଷାବିତ ତଥା ସାଂସଦ ଥିଲେ। ଦୁଇଭାଇଙ୍କ ମଧ୍ୟରେ ବୟସର ବ୍ୟବଧାନ ଥିଲା ୧୦ ବର୍ଷ। ଆଉ ଥିଲେ ତିନି ଭଉଣୀ। ସବୁଠୁ ସାନପୁଅ 'ମଣ୍ଟୁ' ଉପରେ ସମସ୍ତଙ୍କର ଥିଲା ସସ୍ନେହ ଦୃଷ୍ଟି। ୧୦ ବର୍ଷ ବୟସରେ ମନୋଜ ଦାସ ଜମଲପୁର ବିଶ୍ୱନାଥ ଏକାଡେମୀରେ ପଞ୍ଚମ ଶ୍ରେଣୀରେ ଭର୍ତ୍ତି ହେଲେ। ତା'ପରେ ସେ ଜଳେଶ୍ୱରପୁରଠାରେ ନବପ୍ରତିଷ୍ଠିତ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ନାଁ ଲେଖାଇଲେ। ୧୯୪୭ ମସିହାରେ ଯେତେବେଳେ ଭାରତ ସ୍ୱାଧୀନ ହେଲା, ସେଦିନ ମନୋଜ ନିଜେ ହାରମୋନିୟମ ବଜାଇ ନିଜ ସହଧ୍ୟାୟୀଙ୍କ ସହ ଏକ ଶୋଭାଯାତ୍ରାରେ ବାହାରିଥିଲେ। ହୁଏତ କମ୍‌ଲୋକ ଜାଣିଥିବେ ଯେ ସେ ଚମହାର ହାରମୋନିୟମ ବଜାଇପାରନ୍ତି।

ଅବଶିଷ୍ଟାଂଶ ୫ ପୃଷ୍ଠାରେ⇨

ଅନଲାଇନରେ ମନୋଜ ଦାସ

ଲେଖକଙ୍କ କିଛି ବିଦଗ୍ଧ ଅନୁରାଗୀ www.worldofmanojdas.in ନାମରେ ଏକ ୱେବସାଇଟ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ମନୋଜ ଦାସଙ୍କ ରଚନାବଳୀ ଓ ଜୀବନ ସଂପର୍କରେ ବିପୁଳ ତଥ୍ୟ ରହିଛି। ଏହା ବ୍ୟତୀତ ଏଥିରେ ମନୋଜ ଦାସଙ୍କ ସଂପାଦିତ 'ଦିଗନ୍ତ' ପତ୍ରିକା ଏବଂ 'ଦି ହେରିଟେଜ'ର ସମସ୍ତ ସଂଖ୍ୟା ଉପଲବ୍ଧ। ସେହିପରି ଇଂରାଜୀ, ଓଡ଼ିଆ ହିନ୍ଦୀ ଭାଷାରେ ମନୋଜ ଦାସଙ୍କ ଯେକୌଣସି ବହି www.callofthehorizon.comରେ ସହଜରେ ପରିବେଷଣ କରିବାର ସୁବିଧା ରହିଛି। ଫେସ୍‌ବୁକ୍‌ରେ Manoj Das Fans Groupରେ ମନୋଜ ଦାସଙ୍କ ସାହିତ୍ୟର ବିଭିନ୍ନ ବିଭବ ଉପରେ ଦୈନିକ ଚର୍ଚ୍ଚା ଆଲୋଚନା ମଧ୍ୟ ଚାଲିଛି।

ସମ୍ମାନ-ସ୍ୱୀକୃତି

ପ୍ରଥମ ଶ୍ରୀ ଅରବିନ୍ଦ ପୁରସ୍କାର, ୧୯୭୫ରେ ଆରଣ୍ୟକ ଗଳ୍ପ ସଙ୍କଳନ ଓ ୧୯୮୯ରେ 'କେତେ ଦିଗନ୍ତ' ରମ୍ୟ ରଚନା ପୁସ୍ତକ ପାଇଁ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, 'କଥା ଓ କାହାଣୀ' ଗଳ୍ପ ସଙ୍କଳନ ପାଇଁ ୧୯୭୨ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଶାରଳା ପୁରସ୍କାର, ସାହିତ୍ୟ ଭାରତୀ ସମ୍ମାନ, ବାପାସି ସମ୍ମାନ, ଉତ୍କଳରତ୍ନ ଉପାଧି, ପଦ୍ମଶ୍ରୀ ସମ୍ମାନ, ସରସ୍ୱତୀ ସମ୍ମାନ, ୫ଟି ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍ ଉପାଧି

ବିରଳ କୃତିତ୍ୱ

- ୪୦ ବର୍ଷରୁ କମ୍ ବୟସରେ ମନୋଜ ଦାସ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ।
- ଦଶମ ଶ୍ରେଣୀର ଛାତ୍ର ଥିବାବେଳେ ୧୯୪୯ରେ ତାଙ୍କର ପ୍ରଥମ କବିତା ସଙ୍କଳନ 'ଶତାବ୍ଦୀର ଆର୍ତ୍ତନାଦ' ପ୍ରକାଶ ପାଇଥିଲା।
- 'ସମୁଦ୍ରର କ୍ଷୁଧା' ହେଉଛି ମନୋଜ ଦାସଙ୍କ ପ୍ରଥମ କ୍ଷୁଦ୍ର ଗଳ୍ପ।
- ଏକାଦଶ ଶ୍ରେଣୀରେ ଥିବାବେଳେ ଏହି ଶୀର୍ଷକରେ ୧୯୫୨ରେ ପ୍ରଥମ ଗଳ୍ প সଙ୍କଳନ ପ୍ରକାଶ ପାଇ ବହୁ ଆଦୃତ ହୋଇଥିଲା।
- ଦଶମ ଶ୍ରେଣୀରେ ଥିବାବେଳେ ହିଁ ୧୯୫୦ରେ ସେ 'ଦିଗନ୍ତ' ପରି ପତ୍ରିକା ପ୍ରକାଶ କରିବା ଆରମ୍ଭ କରିଥିଲେ। ■

ମନୋଜ ଦାସଙ୍କୁ ଦଶଟି ପ୍ରଶ୍ନ

ଏହା ସାହିତ୍ୟ ବା ଜୀବନ ସମ୍ପର୍କରେ ଗତାନୁଗତିକ ପ୍ରଶ୍ନୋତ୍ତର ନୁହେଁ। ମନୋଜଙ୍କୁ ଦଶଟି ପ୍ରଶ୍ନ ପଚାରି ଉତ୍ତର ଲୋଡ଼ିଛନ्ति ***ସମୀର ରଞ୍ଜନ ଦାସ***

ବିଭିନ୍ନ ସମୟରେ ଆପଣଙ୍କୁ ବହୁ ଥର ସାକ୍ଷାତକାର ଦେବାକୁ ପଡ଼ିଛି- ଓଡ଼ିଆରେ ଏବଂ ଇଂରାଜୀରେ। ନାନାଦି ପ୍ରଶ୍ନର ଉତ୍ତର ଦେବାକୁ ଆପଣଙ୍କୁ ଖରାପ ଲାଗେ ନାହିଁ ?

ସବୁ କଥା ଭଲ ବା ଖରାପର ସଂଜ୍ଞା ଅନ୍ତର୍ଭୁକ୍ତ ନୁହେଁ। କଥାବାର୍ତ୍ତା ହେବା, ଖରା ବର୍ଷା ଭିତର ଦେଇ ଗତି କରିବା, ଖବରକାଗଜ ପଢ଼ିବା ସ୍ୱାଭାବିକ କାର୍ଯ୍ୟକଳାପ। ସେ ସବୁର ଅନ୍ତର୍ନିହିତ ଭଲ ଏବଂ ମନ୍ଦ– ଏ ଦୁଇ ଅନୁଭବ ଭିତରେ ମାତ୍ରାର ପାର୍ଥକ୍ୟ ସାମାନ୍ୟ। ତେବେ ହଠାତ୍ ଯଦି ପ୍ରଶ୍ନକର୍ତ୍ତା ମୋର ଗୋଟାଏ କାହାଣୀର ବା ଚରିତ୍ରର ବ୍ୟାଖ୍ୟା ଲୋଡ଼ିବସିବେ, ତେବେ ଅସହାୟ ଅନୁଭବ କରେ। ଫୁଲର ମହକ, ଫଳର ସ୍ୱାଦ ଆପଣଙ୍କୁ ଅନୁଭବ କରିବାକୁ ପଡ଼ିବ। ତା'ର ବ୍ୟାଖ୍ୟା ଏକ ବିଷମ ଅବ୍ୟାପାର।

ଆପଣ ତେବେ ଖବରକାଗଜ ପଢ଼ନ୍ତି ! ଶୁଣିଛି, ଆପଣ ଟିଭି ଦେଖନ୍ତି ନାହିଁ। ଏହା କ'ଣ ସତ ?

ସତ। ଗତ କେତେବର୍ଷ ଭିତରେ ସବୁ ମିଶାଇ ଘଣ୍ଟାଏ ବା ଦେଢ଼ଘଣ୍ଟା ସମୟ୍ ମୁଁ ହୁଏତ ଟିଭି ଦେଖିବାରେ ନିୟୋଗ କରିଥିବି। ତେବେ ବେଶ୍ କେତେଗୁଡ଼ିଏ ଖବରକାଗଜ ମୋତେ ଦେଖିବାକୁ ହୁଏ। ଅଦୂର ଅତୀତ ଯାଏ ଏକ ପରେ ଏକ ଭିନ୍ନଭିନ୍ନ ଓଡ଼ିଆ ଏବଂ ଭାରତର ମୁଖ୍ୟ ଇଂରାଜୀ ଦୈନିକଗୁଡ଼ିକ ମୋତେ ସାପ୍ତାହିକ ବା ପାକ୍ଷିକ ବ୍ୟକ୍ତିଗତ ଭ୍ରମ ଲେଖିବାର ଅଧିକାର ଦେଇଥିଲେ। ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ୍ ନିର୍ବାଚନ ନିମନ୍ତେ ମୋତେ ବହୁ ସମ୍ବାଦପତ୍ର ଦେଖିବାକୁ ପଡୁଥିଲା। ଏଣିକି ଭ୍ରମଲେଖାରୁ ପ୍ରାୟ୍ ଅବ୍ୟାହତି ନେଇଛି; କିନ୍ତୁ ପଢ଼ିବା ଅଭ୍ୟାସଟି ବଳବତ୍ତର ରହିଛି।

ଟିଭି ନଦେଖି କେତେ ଗୁରୁତ୍ୱପୂର୍ଣ୍ଣ ତର୍କବିତର୍କ, ଚିତ୍ତାକର୍ଷକ ଧାରାବାହିକରୁ ଆପଣ ନିଜକୁ ବଞ୍ଚିତ କରୁନାହାନ୍ତି କି ?

ଶ୍ରୀରାମକୃଷ୍ଣ ପରମହଂସ ନିଜ କାର୍ଯ୍ୟକଳାପ ମଝିରେ ନିର୍ବିକଳ୍ପ ସମାଧି ଭିତରକୁ ଚାଲିଯାଉଥିଲେ। ତେଲିଙ୍ଗ ସ୍ୱାମୀ ଗଙ୍ଗା ନଦୀକୁ ନିଜ ଜନନୀ ବୋଲି ଉପଲବ୍ଧି କରି ତା' ଭିତରେ ଘଣ୍ଟାଘଣ୍ଟା ନିମଜ୍ଜମାନ ରହିପାରୁଥିଲେ। ସେଭଳି ଅମୂଲ୍ୟ ଅଭିଜ୍ଞତାରୁ ତ ନିଜକୁ ବଞ୍ଚିତ କରିଛି। କେତେଜଣ ପେସାଦାର ଘୋଷକଙ୍କ ନେତୃତ୍ୱରେ ଯେଉଁ ତର୍କବିତର୍କ ହେବାର ଦେଖିଛି, ସେଥିରୁ ବୌଦ୍ଧିକ ଅବଦାନ କିଛି ପାଇନାହିଁ। ଧାରାବାହିକ କଥା ହୋଇପାରେ; ମୁଁ ବଞ୍ଚିତ ରହୁଛି।

ଆପଣ ତ ସ୍ପଷ୍ଟ କରିଦେଇଛନ୍ତି- ଆପଣଙ୍କ ପରିବେଷ୍ଟିତ କୌଣସି ଚରିତ୍ର ବା ସୃଜନାତ୍ମକ ଦୃଶ୍ୟର ବ୍ୟାଖ୍ୟା ପଚାରିଲେ ଆପଣ ଅହୁଆ ଅନୁଭବ କରିବେ; କିନ୍ତୁ ଗୋଟାଏ ରହସ୍ୟ ଖୋଲି କହନ୍ତୁ। ଆମେ କେତେ ଗଳ୍ପ, ଉପନ୍ୟାସ ପଢୁଁ; ସେ ସବୁର ପ୍ରଭାବ କ୍ଷଣସ୍ଥାୟୀ ହୁଏ। କିନ୍ତୁ ଆପଣଙ୍କର ପ୍ରତି ଗଳ୍ପ ଓ ଉପନ୍ୟାସର ଦାଗ ସ୍ମୃତିରେ ଅଲିଭା ହୋଇ ରହିଥାଏ କିପରି ?

ସେଥିପାଇଁ ଦାୟୀ ଆପଣଙ୍କ ସହ ଗପସପ ହେଉଥିବା, ଚା' ପିଉଥିବା ଏହି ବ୍ୟକ୍ତିଟି ନୁହେଁ। ସେ ଲେଖେ ଯେଉଁ ପ୍ରେରଣାଚାଳିତ ହୋଇ, ସେହି ପ୍ରେରଣାର ରୂପ ସେଥିପାଇଁ ଦାୟୀ। ଯଦି ମୋ କଥା ସାହିତ୍ୟର ବ୍ୟାଖ୍ୟା କରି ନପାରିବି, ତା'ର ଉତ୍ତର ବ୍ୟାଖ୍ୟା ବା କେମିତି କରିବି ?

ପ୍ରେରଣା ଶବ୍ଦଟି ବଡ଼ ସୂକ୍ଷ୍ମ ଓ ରହସ୍ୟମୟ। ତା'ର ସ୍ଥୂଳ ପ୍ରତିଶବ୍ଦ କ'ଣ ?

ସବୁ ସୂକ୍ଷ୍ମ କଥାକୁ ଯଦି ସ୍ଥୂଳ ପ୍ରତିଶବ୍ଦ ଦ୍ୱାରା ବୁଝାଇଦେଇ ହୁଅନ୍ତା, ତେବେ ସୂକ୍ଷ୍ମ ବୋଲି କିଛି ରହିବାର ଯଥାର୍ଥତା କେଉଁଠି ? ତା' ଛଡ଼ା ସ୍ଥୂଳ ଓ ସୂକ୍ଷ୍ମ ଭିତରେ ଆପଣ ସାମାରେଖା ଟାଣିବେ କେଉଁଠି ? ଆପଣଙ୍କ ଚକ୍ଷୁ ଏକ ସ୍ଥୂଳ ଅବୟବ; କିନ୍ତୁ ସେ ସ୍ଥୂଳ ଅବୟବଟିର ଭୂମିକା–ଦୃଷ୍ଟି–ଦେଖି ପାରିବାର ଶକ୍ତି–ତାହାକୁ ଆପଣ କେମିତି ବ୍ୟାଖ୍ୟା କରିବେ।

ତଥାପି ସ୍ଥୂଳ ଏବଂ ସୂକ୍ଷ୍ମ ଭିତରେ ପାର୍ଥକ୍ୟ ତ ରହିଛି !

ଆପେକ୍ଷିକ ପାର୍ଥକ୍ୟ। ଆପଣଙ୍କ ଅନୁଭବ ଯେତିକି ପ୍ରସାରିତ ହେଉଥିବ, ସେ ପାର୍ଥକ୍ୟ ସେହି ମାତ୍ରାରେ ହ୍ରାସହୋଇ ଚାଲିଥିବ। ଘାସଫୁଲଟିଏ ଏବଂ ସୂର୍ଯ୍ୟ–ଉଭୟେ ମନେହେବେ ଏକ ହିଁ ବିସ୍ମୟ୍। ଉଭୟଙ୍କ ପଛାତରେ ଏକ ହିଁ ମହାଜାଗତିକ ଶକ୍ତି।

ଆପଣ ପୁନର୍ଜନ୍ମରେ ବିଶ୍ୱାସୀ ବୋଲି ଆମ ଧାରଣା। ଆପଣଙ୍କର ଏ ଜନ୍ମରେ ପ୍ରାପ୍ତ ପ୍ରେରଣା, ପୂର୍ବଜନ୍ମର ଉପାର୍ଜନ ହୋଇଥାଇପାରେ କି ?

ଉପାର୍ଜନ ନୁହେଁ, ଅବଦାନ ବୋଲି କହିପାରନ୍ତି। ପ୍ରସଙ୍ଗଟି ଜଟିଳ। ଆମର ପ୍ରକୃତ ସତ୍ତା, ଆମର ଆତ୍ମା ପୁନର୍ଜନ୍ମ ନିଏ। ପ୍ରତି ଜନ୍ମରେ ସେ ଭିନ୍ନ କଳେବର ସମେତ ଭିନ୍ନଭିନ୍ନ ମାତ୍ରାର ବୁଦ୍ଧି, ମାନସିକତା, ଆବେଗପ୍ରବେଗ ଇତ୍ୟାଦିର ନୂଆ ସମାବେଶରେ ନୂଆ ବ୍ୟକ୍ତିତ୍ୱଟି ରୂପେ ପ୍ରକଟିତ ହୁଏ। ଆତ୍ମାର ବିକାଶ ଏବଂ ପ୍ରୟୋଜନ ଅନୁସାରେ ମନ ଓ ପ୍ରାଣଶକ୍ତିର ଗୁପଗୁଣ ନିର୍ଦ୍ଧାରିତ ହୋଇଥାଏ। ଆତ୍ମା ପ୍ରତି ଜନ୍ମରେ ନୂଆନୂଆ ଅଭିଜ୍ଞତାକୁ ଅପେକ୍ଷା ରଖେ। ଦୁଃଖ ଯନ୍ତ୍ରଣା ଓ ସୁଖ ସମ୍ଭୋଗଠୁ ଆରମ୍ଭ କରି ସତ୍ୟ ପ୍ରତି ତା'ର ଉନ୍ମୁଖତା ଓ ସେ ଦିଗରେ ଆସ୍ପୃହା– ସବୁଥିରୁ ସେ କିଛିକିଛି ଅଭିଜ୍ଞତା ଆହରଣ କରୁଥାଏ। ମୁଁ ମୋ ସୃଜନଶକ୍ତିର ଉପଯୋଗ କରି ଚାଲିଛି– ତହିଁରେ ମୋ ଅଭିଜ୍ଞତା ଓ ଅନ୍ତର୍ବୋଧର ପ୍ରତିଫଳନ ହେବା ସଙ୍ଗେସଙ୍ଗେ ତା'ର ଅଭିବୃଦ୍ଧି ମଧ୍ୟ ଘଟୁଛି। ପୂର୍ବଜନ୍ମ ସମୂହର ଅଭିଜ୍ଞତା ଓ ଅନୁଭୂତି ଏ ଜନ୍ମର ପ୍ରେରଣାର ଆଂଶିକ ପଟ୍ଟଭୂମି ହୋଇଥିବା ଅସ୍ୱାଭାବିକ ନୁହେଁ। ସେ ସମ୍ପର୍କରେ ଅଧିକ କହିବା ମୋର ଅଧିକାର ବହିର୍ଭୂତ।

ବର୍ତ୍ତମାନ ଆପଣ ଉଭୟ ଇଂରାଜୀ ଏବଂ ଓଡ଼ିଆରେ ଶ୍ରୀଅରବିନ୍ଦଙ୍କର ଏକ ପୂର୍ଣ୍ଣାଙ୍ଗ ଜୀବନୀ ରଚନାରେ ନିମଗ୍ନ। ସୃଜନଶୀଳ ଲେଖା କଥା କ'ଣ ?

ପୃଥିବୀରେ ସୃଜନଶୀଳ ଗଳ୍ପ ଉପନ୍ୟାସର ଅଭାବ ନାହିଁ; କିନ୍ତୁ ଶ୍ରୀଅରବିନ୍ଦ ଏକ ଅନନ୍ୟ ଜୀବନ। ସେ ଜୀବନ ଏକ ଅଦ୍ୱିତୀୟ୍ ମହାକାବ୍ୟ। ମୋ ସୃଜନଶୀଳତା ସେ ଗବେଷଣାଧର୍ମୀ କର୍ମରେ ପ୍ରଯୁକ୍ତ ହୋଇ ବେଶ ତୃପ୍ତ। ତେବେ ସାଧାରଣ ଅର୍ଥରେ ସୃଜନଶୀଳ ସାହିତ୍ୟ ଯେ ଲେଖିବି ନାହିଁ, ତାହା ନୁହେଁ। ଏ ଚଳିତ ଜୀବନ ଆଉ କେତେକାଳ ଅନିର୍ବାଣ ଥିବ, ତାହା ଉପରେ ସେ ସମ୍ଭାବନା ନିର୍ଭର କରେ।

ପାଠକଙ୍କଠାରୁ ଆପଣଙ୍କର ଆଶା କ'ଣ ?

ଆଶା ଓ ଆଶଙ୍କା ଉଭୟ୍ ଫଳିଛି। ଆଶା ବା ଆଶଙ୍କାର ଆଧାର ମୋର ଏହି ଯେଉଁ ନଶ୍ୱର ଜୀବନ, ମୋ ସାହିତ୍ୟ ତାକୁ ଅତିକ୍ରମ କରି କିଛିକାଳ ରହିଥିବ ବୋଲି ବିଶ୍ୱାସ।

ଆପଣଙ୍କୁ ଅଶୀବର୍ଷ ହେବା ଅବସରରେ ଆପଣଙ୍କ ଅଭିଳାଷ କ'ଣ ?

ଅଭିଳାଷ–ରୂପକ ଅଜ୍ଞାନ ଓ ଅବିદ્યାରୁ ମୁକ୍ତି। ■

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ,
ନେହେରୁରୋଡ଼, ଭିଲିପୁରମ୍, ତାମିଲନାଡୁ